ସଂକ୍ଷିପ୍ତ ଆଲେଖ

# ଓଡ଼ିଶାର ଆଦିବାସୀ ଅଂଚଳରେ ପୁଷ୍ଟିଶସ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର (ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ର) ଜମିର ପରିମାଣ, ଅମଳ, ଉତ୍ପାଦନ ଏବଂ ଉତ୍ପାଦିତ ଶସ୍ୟର ମୂଲ୍ୟ, ୨୦୧୭-୧୮, ପର୍ଯ୍ୟାୟ-୧

(ମୂଳ ଲେଖା ଇଂରାଜୀରେ)

ଶ୍ରୀଜିତ୍ ମିଶ୍ର

ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର
(ଓଡିଶା ସରକାର ଏବଂ ଭାରତୀୟ ସାମାଜିକ ବିଜ୍ଞାନ ଅନୁସଂଧାନ ପରିଷଦର ସହଭାଗିତାରେ ଗଠିତ)

ଫେବ୍ରୁୟାରୀ ୨୦୨୦

*ପ୍ରାରମ୍ଭିକ ଉପସ୍ଥାପନ*

୧. ଏହି ଲେଖାରେ ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍ କାର୍ଯ୍ୟକ୍ରମର ପ୍ରଥମ ବର୍ଷରେ (୨୦୧୭-୧୮) ଜମିର ପରିମାଣ, ଅମଳ, ଉତ୍ପାଦନ ଏବଂ ଉତ୍ପାଦିତ ଶସ୍ୟର ମୂଲ୍ୟ ଆକଳନ କରାଯାଇ କାର୍ଯ୍ୟକ୍ରମ ପ୍ରାରମ୍ଭ (୨୦୧୬-୧୭) ଥିବା ସ୍ଥିତି ସହ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଇଛି।

୨. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍ କାର୍ଯ୍ୟକ୍ରମର ପ୍ରଥମ ବର୍ଷରେ ୮,୫୯୬ ସଂଖ୍ୟକ କୃଷକ ପରିବାର ୫,୧୮୨ ହେକ୍ଟର ଜମିରେ ପୁଷ୍ଟିଶସ୍ୟ ଚାଷକରି ୬୫,୯୨୯ କ୍ୱିଣ୍ଟାଲ ଅମଳ କରିପାରିଛନ୍ତି ଯାହାର ମୂଲ୍ୟ (୨୦୧୬-୧୭ ଦର ଅନୁଯାୟୀ) ₹୧୦.୭୩ କୋଟି। ପ୍ରାରମ୍ଭ ଥିବା ସ୍ଥିତିର ସର୍ବେକ୍ଷଣରେ ୭,୦୪୧ ସଂଖ୍ୟକ କୃଷକ ପରିବାର ୨,୯୪୯ ହେକ୍ଟର ଜମିରେ ପୁଷ୍ଟିଶସ୍ୟ ଚାଷକରି ୧୭,୦୬୫ କ୍ୱିଣ୍ଟାଲ ଅମଳ କରିଥିଲେ ଯାହାର ମୂଲ୍ୟ ₹୨.୭୯ କୋଟି।

*ଫଳାଫଳ*

୩. ପ୍ରତି କୃଷକ ପରିବାର ପିଛା ପୁଷ୍ଟିଶସ୍ୟ ଚାଷଜମିର ହାରାହାରି ପରିମାଣ ୪୩.୯% ବୃଦ୍ଧି ପାଇଛି। ଏହା ୨୦୧୬-୧୭ରେ ୦.୪୨ ହେକ୍ଟର ଥିଲାବେଳେ ୨୦୧୭-୧୮ରେ ୦.୬୦ ହେକ୍ଟର ହେଇଛି।

୪. ପୁଷ୍ଟିଶସ୍ୟର ହେକ୍ଟର ପିଛା ଅମଳ ୧୧୯.୮% ବୃଦ୍ଧି ପାଇଛି। ଏହା ୨୦୧୬-୧୭ରେ ୫.୭୯ କ୍ୱିଣ୍ଟାଲ ଥିଲାବେଳେ ୨୦୧୭-୧୮ରେ ୧୨.୭୨ କ୍ୱିଣ୍ଟାଲ ହେଇଛି।

୫. ମିଶନ୍‌ରେ ପୁଷ୍ଟିଶସ୍ୟର ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ (୨୦୧୬-୧୭ର ଦର ଅନୁଯାୟୀ) ୧୧୯.୨% ବୃଦ୍ଧି ପାଇଛି। ଏହା ୨୦୧୬-୧୭ରେ ₹୯,୪୪୭ ଥିଲାବେଳେ ୨୦୧୭-୧୮ରେ ₹୨୦,୭୧୦ ହେଇଛି।

୬. ପ୍ରତି କୃଷକ ପରିବାର ପିଛା ଉତ୍ପାଦିତ ପୁଷ୍ଟିଶସ୍ୟର ମୂଲ୍ୟ (୨୦୧୬-୧୭ର ଦର ଅନୁଯାୟୀ) ୨୧୫.୫% ବୃଦ୍ଧି ପାଇଛି। ଏହା ୨୦୧୬-୧୭ରେ ₹୩,୯୫୭ ଥିଲାବେଳେ ୨୦୧୭-୧୮ରେ ₹୧୨,୪୮୬ ହେଇଛି।

୭. ପରିସଂଖ୍ୟାନ ଦୃଷ୍ଟିରୁ ଅନ୍ୟ ଦୁଇଟି ବିକଳ୍ପ ଆକଳନ ସହିତ ତୁଳନାରେ ଆମେ ବ୍ୟବହାର କରିଥିବା ଆକଳନର ଯଥାର୍ଥତା ବଢ଼ାଇଛି। ଏହି ଦୁଇଟି ବିକଳ୍ପ ଆକଳନ ଦ୍ୱାରା ହେକ୍ଟର ପିଛା ଅମଳ ବୃଦ୍ଧିର ସୀମା ୯୬.୨%-୧୮୩.୩%, ପୁଷ୍ଟିଶସ୍ୟର ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ ବୃଦ୍ଧିର ସୀମା ୯୫.୯%-୧୮୪.୦% ଏବଂ ପ୍ରତି କୃଷକ ପରିବାର ପିଛା ଉତ୍ପାଦିତ ପୁଷ୍ଟିଶସ୍ୟର ମୂଲ୍ୟ ବୃଦ୍ଧିର ସୀମା ୧୮୧.୯%-୩୦୮.୭%।

୮. ମାଣ୍ଡିଆ (ଯାହା ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍ କାର୍ଯ୍ୟକ୍ରମର ପ୍ରଥମ ବର୍ଷରେ ୯୫.୭% ଜମିରେ ଚାଷ କରାଯାଇଥିଲା, ୯୭.୮% ପୁଷ୍ଟିଶସ୍ୟର ଉତ୍ପାଦନ ଥିଲା ଏବଂ ୯୭.୫% ଉତ୍ପାଦିତ ପୁଷ୍ଟିଶସ୍ୟର ମୂଲ୍ୟ ଥିଲା) ର ତୁଳନାତ୍ମକ ଆକଳନ ଦର୍ଶାଇଥାଏ ଯେ ପ୍ରତି କୃଷକ ପରିବାର ପିଛା ମାଣ୍ଡିଆ ଚାଷଜମିର ହାରାହାରି ପରିମାଣ ୫୩.୬% ବୃଦ୍ଧି ପାଇଛି, ମାଣ୍ଡିଆର ହେକ୍ଟର ପିଛା ଅମଳ ୧୨୨.୯% ବୃଦ୍ଧି ପାଇଛି, ମାଣ୍ଡିଆର ହେକ୍ଟର ପିଛା ଉତ୍ପାଦନର ମୁଲ୍ୟ ୧୨୩.୪% ବୃଦ୍ଧି ପାଇଛି ଏବଂ ପ୍ରତି କୃଷକ ପରିବାର ପିଛା ଉତ୍ପାଦିତ ମାଣ୍ଡିଆର ମୂଲ୍ୟ ୨୪୩.୩% ବୃଦ୍ଧି ପାଇଛି।

୯. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ର ପ୍ରଥମ ବର୍ଷର କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷର ଋତୁ ଅନୁଯାୟୀ ସାରାଂଶ: ୪,୯୬୧ ହେକ୍ଟର ଜମିରୁ ୯୪.୧% ଖରିଫ୍ ଋତୁରେ ଓ ୫.୯% ରବି ଋତୁରେ, ଏହି ଜମିରୁ ମାଣ୍ଡିଆ ଉତ୍ପାଦନ ହୋଇଥିବା ୬୪,୪୯୫ କ୍ୱିଣ୍ଟାଲରୁ ୯୫.୬% ଖରିଫ୍ ଋତୁରେ ଓ ୪.୪% ରବି ଋତୁରେ ଏବଂ ହେକ୍ଟର ପିଛା ଅମଳ ହେଉଛି ୧୩.୨୧ କ୍ୱିଣ୍ଟାଲ ଖରିଫ୍ ଋତୁରେ ଓ ୯.୫୬ କ୍ୱିଣ୍ଟାଲ ରବି ଋତୁରେ।

୧୦. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ର ପ୍ରଥମ ବର୍ଷର କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷର ପ୍ରଣାଳୀ ଅନୁଯାୟୀ ସାରାଂଶ: ଚାଷ ଜମିର ଭାଗରେ ୩୫.୬% ଶ୍ରୀ ପଦ୍ଧତି, ୬୩.୧% ଧାଡ଼ି ରୁଆ ଓ ୧.୩% ଧାଡ଼ି ବୁଣା; ଉତ୍ପାଦନର ଭାଗରେ ୪୧.୪% ଶ୍ରୀ ପଦ୍ଧତି, ୫୬.୫% ଧାଡ଼ି ରୁଆ ଓ ୨.୧% ଧାଡ଼ି ବୁଣା; ଏବଂ ହେକ୍ଟର ପିଛା ଅମଳ ହେଉଛି ୧୫.୧୩ କ୍ୱିଣ୍ଟାଲ ଶ୍ରୀ ପଦ୍ଧତିରେ, ୧୧.୬୨ କ୍ୱିଣ୍ଟାଲ ଧାଡ଼ି ରୁଆରେ ଓ ୨୧.୨୦ କ୍ୱିଣ୍ଟାଲ ଧାଡ଼ି ବୁଣାରେ।

୧୧. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ର ପ୍ରଥମ ବର୍ଷର କାର୍ଯ୍ୟକ୍ରମରେ ସୁଆଁ ଓ କୋଦୋ କେବଳ ଖରିଫ୍ ଋତୁରେ ଓ କେବଳ କଳାହାଣ୍ଡି ଜିଲ୍ଲାରେ ଚାଷ ହୋଇଥିଲା। ଜଣେ ଚାଷୀ ପରିବାର ଦ୍ୱରା ସୁଆଁ ଚାଷ ଶ୍ରୀ ପଦ୍ଧତିରେ ଏବଂ ବାକି ସମସ୍ତ ସୁଆଁ ଓ କୋଦୋ ଚାଷ ଧାଡ଼ି ବୁଣା ପ୍ରଣାଳୀରେ ଚାଷ ହୋଇଥିଲା। ମିଶନ୍ ଅଧିନରେ ପୁଷ୍ଟିଶସ୍ୟ ଚାଷ ହୋଇଥିବା ଜମିର ଭାଗରେ ୪.୧% ସୁଆଁ ଓ ୦.୨% କୋଦୋ ହୋଇଥିଲା। ମିଶନ୍ ଅଧିନରେ ପୁଷ୍ଟିଶସ୍ୟ ଉତ୍ପାଦନର ଭାଗରେ ୨.୪% ସୁଆଁ ଓ ୦.୧% କୋଦୋ ହୋଇଥିଲା। ହେକ୍ଟର ପିଛା ଅମଳ ସୁଆଁରେ ୬.୫୫ କ୍ୱିଣ୍ଟାଲ ଓ କୋଦୋରେ ୮.୮୦ କ୍ୱିଣ୍ଟାଲ ହୋଇଥିଲା।

*ପାଠ୍ୟ ପଦ୍ଧତି*

୧୨. ଅନୁଧ୍ୟାନରେ ପ୍ରଥମେ ବର୍ଷର (୨୦୧୭-୧୮ର) ଫସଲ କଟା ପରୀକ୍ଷଣ ଦସ୍ତାବିଜ ଗୁଡ଼ିକୁ ତିନୋଟି ମାପଦଣ୍ଡରେ ତର୍ଜମା କରାଯାଇଥିଲା ଯଥା - ସ୍ପଷ୍ଟରୂପେ ପଢିହେଉଥିବା, ଗୁରୁତ୍ୱପୂର୍ଣ୍ଣ ତଥ୍ୟ (ଋତୁ, ଫସଲ, ଚାଷପ୍ରଣାଳୀ, ଓ ଜମିର ପରିମାଣ) ରହିଥିବା, ଏବଂ ସ୍ୱୀକୃତି ପ୍ରାପ୍ତ ହୋଇଥିବା।

୧୩. ସମୁଦାୟ ୩୫୪ଟି ଫସଲ କଟା ପରୀକ୍ଷଣକୁ (୩୪୭ ଖରିଫ୍ ଋତୁରେ ଏବଂ ୭ଟି ରବି ଋତୁରେ) ନିଆଯାଇଥିଲା। ଫସଲ ଭିତ୍ତିରେ ୩୩୮ଟି ମାଣ୍ଡିଆର, ୧୫ଟି ସୁଆଁର ଏବଂ ଗୋଟିଏ କୋଦୋର। ଚାଷପ୍ରଣାଳୀ ଭିତ୍ତିରେ ୨୩୯ଟି ଶ୍ରୀ ପଦ୍ଧତିର, ୯୮ଟି ଧାଡ଼ି ରୁଆର ଏବଂ ୧୭ଟି ଧାଡ଼ି ବୁଣାର।

୧୪. ଫସଲ କଟା ପରୀକ୍ଷଣର ଜମି ଚିହ୍ନଟ ପ୍ରକ୍ରିୟାରେ ଭଲ ଅମଳ ଥିବା ଜମିର ଚୟନ ସମ୍ଭାବନାକୁ ଏଡ଼ାଇବା ପାଇଁ ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀ ଭିତ୍ତିରେ ଫସଲ କଟା ପରୀକ୍ଷଣରୁ ସର୍ବନିମ୍ନ ଅମଳ ଆଧାରରେ ଆକଳନ କରାଯାଇଛି।

୧୫. ପ୍ରଥମ ବର୍ଷର (୨୦୧୭-୧୮ର) ଉତ୍ପାଦିତ ପୁଷ୍ଟିଶସ୍ୟର ମୂଲ୍ୟର ଆକଳନ ପ୍ରାରମ୍ଭ ବର୍ଷର (୨୦୧୬-୧୭ର) ସର୍ବେକ୍ଷଣରେ ବ୍ଲକସ୍ତରର ଫସଲ ବିକାର ଦର ଅନୁଯାୟୀ କରାଯାଇଛି।

୧୬. ଆମେ ବ୍ୟବହାର କରିଥିବା ଆକଳନର ଯଥାର୍ଥତା ପାଇଁ ଅନ୍ୟ ଦୁଇଟି ବିକଳ୍ପ ସହିତ ତୁଳନା କରାଯାଇଛି। ପ୍ରଥମ ବିକଳ୍ପ: ଯଦି ବ୍ଲକ ସ୍ତରରେ ଋତୁ-ଫସଲ-ଚାଷପ୍ରଣାଳୀ ଭିତ୍ତିରେ ତିନୋଟି ଫସଲ କଟାର ପରୀକ୍ଷଣ ଥିଲେ ତାହାଲେ ସର୍ବନିମ୍ନ ଅମଳ ଆଧାରରେ ଆକଳନ କରାଯାଇଥିଲା (ବ୍ଲକ ସ୍ତରରେ ନଥିଲେ ଜିଲ୍ଲା, ରାଜ୍ୟ, ଫସଲ ବା ଚାଷପ୍ରଣାଳୀ ଭିତ୍ତିରେ ତିନୋଟି ଫସଲ କଟାର ପରୀକ୍ଷଣ ଥିଲେ ତାହାର ସର୍ବନିମ୍ନ ଅମଳ ଆଧାରରେ ଆକଳନ କରାଯାଇଥିଲା)। ଦ୍ୱିତୀୟ ବିକଳ୍ପ: ବ୍ଲକ-ଋତୁ-ଫସଲ-ଚାଷପ୍ରଣାଳୀ ଭିତ୍ତିରେ ଫସଲ କଟା ପରୀକ୍ଷଣର ହାରାହାରି ଅମଳ।

*ଅନ୍ୟାନ୍ୟ ଫଳାଫଳ*

୧୭. ଯେଉଁ ୨୭ଟି ବ୍ଲକରେ ପ୍ରାରମ୍ଭ ଥିବା ସ୍ଥିତିର ସର୍ବେକ୍ଷଣ କରାଯାଇଥିଲା ସେଥି ମଧ୍ୟରୁ ପ୍ରଥମ ବର୍ଷରେ ମିଶନ୍ ଅନ୍ତର୍ଗତ ମାଣ୍ଡିଆ ଚାଷ କରୁଥିବା କୃଷକ ପିଛା ଚାଷଜମିର ହାରାହାରି ପରିମାଣ ୭ଟି ବ୍ଲକରେ (ଯଥା ଗଜପତି ଜିଲ୍ଲାର ଗୁମ୍ମା ଓ ରାୟଗଡ଼ା, କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଓ ଫିରିଙ୍ଗିଆ, ଏବଂ କୋରାପୁଟ ଜିଲ୍ଲାର ବୋରିଗୁମ୍ମା, ଲମତାପୁଟ ଓ ନନ୍ଦପୁର) କମିଛି ଏବଂ ସବୁ ପୁଷ୍ଟିଶସ୍ୟ ମିସାଇଲେ ଚାଷ କରୁଥିବା କୃଷକ ପରିବାର ପିଛା ଚାଷଜମିର ହାରାହାରି ପରିମାଣ ୮ଟି ବ୍ଲକରେ (ମାଣ୍ଡିଆ ସହିତ ଜଡ଼ିତ ସାତଟି ବ୍ଲକ ଓ କୋରାପୁଟ ଜିଲ୍ଲାର ଦାସମନ୍ତପୁର ବ୍ଲକ) କମିଛି। ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ରେ ଛଟା ବୁଣା ଚାଷ ଅନ୍ତର୍ଭୁକ୍ତ କରାଯାଇ ନଥିବାରୁ ଏପରି ହୋଇଥିବା ଅନୁମାନ କରାଯାଏ।

୧୮. ପ୍ରାରମ୍ଭ ଥିବା ସ୍ଥିତିର ସର୍ବେକ୍ଷଣ କରାଯାଇଥିବା ସମସ୍ତ ୨୭ଟି ବ୍ଲକରେ ମିଶନ୍‌ର ପ୍ରଥମ ବର୍ଷରେ ହେକ୍ଟର ପିଛା ଅମଳରେ ଓ ଉତ୍ପାଦିତ ପୁଷ୍ଟିଶସ୍ୟର ହେକ୍ଟର ପିଛା ମୂଲ୍ୟରେ ବୃଦ୍ଧି ପାଇଛି।

୧୯. ପ୍ରାରମ୍ଭ ଥିବା ସ୍ଥିତିର ସର୍ବେକ୍ଷଣ କରାଯାଇଥିବା ସମସ୍ତ ୨୭ଟି ବ୍ଲକରୁ ୨୫ଟି ବ୍ଲକରେ ମିଶନ୍‌ର ପ୍ରଥମ ବର୍ଷରେ ଉତ୍ପାଦିତ ପୁଷ୍ଟିଶସ୍ୟର କୃଷକ ପରିବାର ପିଛା ମୂଲ୍ୟ ବୃଦ୍ଧି ପାଇଛି। ଏହା ଦାସମନ୍ତପୁରରେ ପୁଷ୍ଟିଶସ୍ୟକୁ ମିଳିତ ଆକାରରେ ନେଲେ ଏବଂ ଲମତାପୁଟରେ ପୁଷ୍ଟିଶସ୍ୟକୁ ମିଳିତ ଆକାରରେ ନେଲେ ଓ ମାଣ୍ଡିଆ ପାଇଁ ପ୍ରଯୁଜ୍ୟ ନୁହେଁ। ଏହି ଦୁଇଟି ବ୍ଲକରେ ଏହା କୃଷକ ପରିବାର ପିଛା ହାରାହାରି ଚାଷ ଜମି କମିବାରୁ ଘଟିଛି। ଯଦି ହେକ୍ଟର ପିଛା ଅମଳ ଦ୍ୱିତୀୟ ବିକଳ୍ପରୁ ନିଆଯାଏ ତାହାଲେ ଏହି ଦୁଇଟି ବ୍ଲକରେ ମଧ୍ୟ ଉତ୍ପାଦିତ ପୁଷ୍ଟିଶସ୍ୟର କୃଷକ ପରିବାର ପିଛା ମୂଲ୍ୟ ବୃଦ୍ଧି ପାଇଛି।

*ଉପସଂହାର*

୨୦. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍‌ର ପ୍ରଥମ ବର୍ଷକୁ (୨୦୧୭-୧୮କୁ) ପ୍ରାରମ୍ଭ ସ୍ଥିତିର (୨୦୧୬-୧୭ର) ସର୍ବେକ୍ଷଣ ସହିତ ତୁଳନାରେ କୃଷକ ପରିବାର ପିଛା ପୁଷ୍ଟିଶସ୍ୟ ଚାଷଜମିର ହାରାହାରି ପରିମାଣ ଦୁଇ-ପଞ୍ଚମାଂଶରୁ ଅଧିକ ବୃଦ୍ଧି ପାଇଛି, ପୁଷ୍ଟିଶସ୍ୟର ହେକ୍ଟର ପିଛା ଅମଳ ଓ ପୁଷ୍ଟିଶସ୍ୟର ହେକ୍ଟର ପିଛା ଉତ୍ପାଦନର ମୂଲ୍ୟ ଦୁଇଗୁଣାରୁ ଅଧିକ ବୃଦ୍ଧି ପାଇଛି, ଏବଂ ପ୍ରତି କୃଷକ ପରିବାର ପିଛା ଉତ୍ପାଦିତ ପୁଷ୍ଟିଶସ୍ୟର ମୂଲ୍ୟ ତିନିଗୁଣାରୁ ଅଧିକ ବୃଦ୍ଧି ପାଇଛି।

୨୧. ଓଡ଼ିଶା ପୁଷ୍ଟିଶସ୍ୟ ମିଶନ୍ ଯଥାର୍ଥରେ ପ୍ରଶଂସାର ଯୋଗ୍ୟ। ପ୍ରଥମ ବର୍ଷର ଆକଳନରୁ ମିଶନ୍‌ର କାର୍ଯ୍ୟକ୍ରମକୁ ଆଗକୁ ନବାକୁ ଦୁଇଟି ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ। ପ୍ରଥମରେ, ମାଣ୍ଡିଆ ସହିତ ଅନ୍ୟ ପୁଷ୍ଟିଶସ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ହେବ। ଦ୍ୱିତୀୟରେ, ରବି ଋତୁରେ କିପରି ଅଧିକ ଜମିରେ ପୁଷ୍ଟିଶସ୍ୟ ଚାଷ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

-x-x-x-



WASSAN